# Akashvani, Sambalpur

## SAMBALPURI NEWS BULLETIN

### 12 May 2025- 6.47- 6.52 am.

*********************************************

ଅପରେସନ୍ ସିନ୍ଦୁର          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍ - ପାକିସ୍ତାନ୍ ଭିତ୍‌ରେ ଥିତିକେ ନେଇକରି ଆଏଜ୍ ଦୁହି ଦେଶର୍ ସାମରିକ୍ ଅଭିଯାନ୍ ମହାନିର୍ଦ୍ଦେଶକ୍- ଡି.ଜି.ଏମ୍.ଓ.ଙ୍କର୍ ଭିତ୍‌ରେ ଆଲୋଚନା କରାଯିବା । ଇ ସମିଆଥି ଯୁଦ୍ଧବିରତି ବାବ୍‌ଦେ ଆଲୋଚନା କରାଯିବା ବଲି ଜନାପଡ଼ିଛେ ।

ସେଆଡ଼େ ଅପରେସନ୍ ସିନ୍ଦୁର୍ ଇହାଦେ ଭିଲ୍ ଚାଲିଛେ ଆଉ ସୀମ୍‌ନା ଇଲାକା ନ ପାକିସ୍ତାନୀ ସେନାର୍ ଅସ୍ତ୍ରବିରତି ଉଲ୍ଲଂଘନ୍ କଲେ ଭାରତୀୟ ସେନା ତାର୍ କଡ଼ା ଜବାବ୍ ଦେବାର୍‌କେ ସ୍ଥଳସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ସେନାକେ ପୁରା ଅଧିକାର୍ ଦେଇଥିବା ଗଲାକାଏଲ୍ କହିଛନ୍ ।

ସୂଚ୍‌ନା ଅନ୍‌ସାରେ ଅପରେସନ୍ ସିନ୍ଦୁର୍‌ଥି ଭାରତୀୟ ସେନା ପାକିସ୍ତାନ୍ ଆଉ ପାକିସ୍ତାନ୍ ଅଧିକୃତ କାଶ୍ମୀର୍ ନ ବାଛିବାଛି ଆତଙ୍କବାଦୀ ଭିତିଭୂମି ମାନ୍‌କୁ ଆକ୍ରମଣ୍ କରିଥିଲା ଆଉ ଇଥି ଶହେ ଝନ୍ ଆତଙ୍କବାଦୀଙ୍କର୍

ମୃତ୍ୟୁ ହେଇଥିଲା ବଲି ଗଲାକାଏଲ୍ ସାମ୍ବାଦିକ୍ ସମ୍ମିଲନୀଥି ଭାରତୀୟ ସେନା ତର୍ଫୁ ସୂଚ୍ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ସୁରକ୍ଷା ସଂଗଠନ୍        ଭୁବ୍ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୁଆନ୍ ପିଢ଼ିକେ ବେସାମରିକ୍ ସୁରକ୍ଷା ସଂଗଠନ୍‌ଥି ସ୍ୱେଚ୍ଛାସେବୀ ଭାବେ ଯୋଗ୍ ଦେବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଯୁବସମାଜ ହେଉଛନ୍ ଆମର୍ ଆଶା, ଭର୍ସା ଆର୍ ଶକ୍ତିର୍ ପ୍ରତୀକ୍ । ଇଚ୍ଛୁକ୍ ବ୍ୟକ୍ତିମାନେ ଜିଲ୍ଲାପାଲ୍‌ଙ୍କର୍ ପାଶେ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ରାଏଜେ ୧୨ ଟା ଜାଗା ନ ବେସାମରିକ୍ ସୁରକ୍ଷା ସଂଗଠନ୍ କାମ୍ କରୁଥିବାର୍ ବେଲେ ଦର୍‌କାର୍ ହେଲେ ଅଲ୍‌ଗା ଜାଗାମାନ୍‌କେ ନୂଆଁ ସଂଗଠନ୍ ବନାବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଥିବାର୍ କହିଛନ୍ ।

ରାଜ୍ୟପାଲ୍             ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌କସ୍ ଶିକ୍ଷା ବ୍ୟବସ୍ଥା ଗୁଟେ ସମାବେଶୀ ଆଉ ଗତିଶୀଳ ସମାଜ୍‌ର ନିହି ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଗଲାକାଏଲ୍ ଭୁବ୍ନେଶ୍ୱର୍ ନହେଇଥିବା ଶିକ୍ଷା ସମ୍ମିଲନୀକେ ଉଦ୍‌ଘାଟନ୍

କରିକରି ରାଜ୍ୟପାଲ୍ କହିଛନ୍, ଇହାଦେ ଶିକ୍ଷା ବହି ଆଉ ଶ୍ରେଣୀ କୋଠା ଭିତ୍ରେ ସିମିତ ନାଇଁ ରହିକରି ବାହାର୍କେ ଯିବାର୍ ଉଚିତ୍ । ପାଠ୍ୟକ୍ରମ୍ ଜୀବନ୍ କୌଶଲ୍ ଶିଖାବାର୍ ଆଉ ଭଲ୍ ଚରିତ୍ର ଗଠନ୍ କର୍ବାର୍ଥି ସାହାଜ୍ କର୍ବାର୍ ଦର୍କାର୍ । ପରିବର୍ତନ୍ଶୀଲ୍ ପୁର୍ଥି ନୂଆଁ ଥିତି ସାଙ୍ଗେ ଖାପ୍ଖୁଏଇକରି ସମ୍କର୍ ଭଲ୍ ଲାଗି କାମ୍ କର୍ବାର୍ କ୍ଷମତା ବନାବାର୍କେ ରାଜ୍ୟପାଲ୍ ଛାତ୍ରଛାତ୍ରୀମାନ୍କୁ ପରାମର୍ଶ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ସର୍କାରୀ ଛୁଟି ଥିବାର୍ନୁ ଆଏଜ୍ ଭୁବ୍ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ବୁଦ୍ଧ ପୂର୍ଣ୍ଣିମା ଆର୍ଏନ୍ୟୁ /ସମ୍ବଲପୁର/ ଏନ୍ଏସ୍ଡି

ଆଏଜ୍ ହେଉଛେ ଭଗବାନ୍ ବୁଦ୍ଧଙ୍କର୍ ଜନମ୍ ତିଥି ସହେତେ ମୋକ୍ଷ ପାଏବାର୍ ଦିବସ୍ । ଆଝିରର୍ ଦିନେ ଭଗବାନ ବୁଦ୍ଧ

ବୋଧଗୟାର୍ ମହାବୋଧି ଗଛ୍ ତଲେ ନିର୍ବାଣ ପ୍ରାପ୍ତି କରିଥିଲେ । ଆଝିରର୍ ଦିନ୍‌କେ ଭାରତ୍ ସହେତେ ସାରା ପୁର୍‌ଥି ନ ଥିବା ବୌଦ୍ଧ ଧର୍ମାବଲମ୍ବୀ ବଡ଼ା ଉସ୍‌ନାକିଥି ଉଛବ୍ ଭାବେ ମନାସନ୍ । ଭାରତ୍ ନ ବୁଦ୍ଧ ପୂର୍ଣ୍ଣିମା ମନାଯାଉଥିଲା ବେଲେ ଶ୍ରୀଲଙ୍କା, ନେପାଲ୍, ମଙ୍ଗୋଲିଆ ସହେତେ ସାରା ଦକ୍ଷିଣ ଆଉ ଦକ୍ଷିଣ ଏସିଆ ନ ଭେଷକବୋଚିଆ ଉଛବ୍ ଭାବେ ପାଲନ୍ କରାଯାଏସି ।

ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆର୍ ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନଖଡ଼୍ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଭଗବାନ୍ ବୁଦ୍ଧଙ୍କର୍ ଅହିଂସା, ପ୍ରେମ ଆଉ ଦୟା ବାର୍ତା ଜନକଲ୍ୟାଣ୍‌ର ମୂଳମନ୍ତ୍ର ଆଏ ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କର୍ ବାର୍ତାଥି କହିଛନ୍ ।

ଇତାର୍‌ସହେତେ ଆଏଜ୍ ହେଉଛେ ସନ୍ଥକବି ଭୀମଭୋଇଙ୍କର୍ ଜୟନ୍ତୀ । ହେଥିର୍‌ଲାଗି ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ଅନ୍ତର୍ଜାତିୟ ସେବିକା ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଅନ୍ତର୍ଜାତୀୟ ସେବିକା ଦିବସ୍ । ଆଧୁନିକ୍ ନର୍ସିଂ ସେବାକେ ମୁଲ୍ କରିଥିବା ଫ୍ଲୋରେନ୍ସ ନାଇଟ୍‌ଏଙ୍ଗଲ୍‌ଙ୍କର୍ ଜନମ୍ ଦିନ୍ ମେ ମାସର୍ ୧୨ ତାରିଖ୍‌କେ ଗଲା ୧୯୬୫ ମସିହାନୁ ଅନ୍ତର୍ଜାତୀୟ ସେବିକା ପରିଷଦ୍‌ର

ନିଷ୍ପତି ଅନ୍‌ସାରେ ଅନ୍ତର୍ଜାତୀୟ ସେବିକା ଦିବସ୍ ଭାବେ ପାଲନ୍ କରାଯାଉଛେ । ଅନ୍ତର୍ଜାତୀୟ ସେବିକା ଦିବସ୍‌ଥି ସେବିକାମାନ୍‌କର୍ ଉତ୍ସର୍ଗୀକୃତ ସେବା ଭାବ୍‌ନାକେ ସମ୍ମାନ୍ ଜନାବାର୍ ଲାଗି ସାରା ପୁର୍‌ଥି ନ କାର୍ଯ୍ୟକ୍ରମ୍ ମାନ୍ କରାଯାଏସି । ଇବଛର୍ ସେବିକା ଦିବସ୍‌ର ବାର୍ତା ହେଉଛେ 'ଉତମ୍ ସେବା ଦେବାର୍, ସମାନତା ସୁନିଶ୍ଚିତ କର୍‌ବାର୍, ବର୍‌କସ୍ ମାଧ୍ୟମ୍ ହେଉଛନ୍ ସେବିକା' ।

ଭାରତୀୟ ସେନା ନିଯୁକ୍ତି ଆବେଦନ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ସେନା ତର୍‌ଫୁ ୧୦ +୨ ଟି.ଇ.ଏସ୍- ୫୪ କୋର୍ସ ଜାନୁଆରୀ ୨୦୨୬ ଲାଗି ଅନ୍‌ଲାଇନ୍ ଆବେଦନ୍ ଆହ୍ୱାନ୍ କରାଯାଇଛେ । www.joinindianarmy.nic.in ଥି ଆଏବାକାଏଲ୍‌ଠାନୁ ୧୨ ଜୁନ୍ ତକ୍ ଇଚ୍ଛୁକ୍ ପ୍ରାର୍ଥୀମାନେ ଆବେଦନ୍ କରିପାର୍‌ବେ । ଟି.ଇ.ଏସ୍. ୫୪ କୋର୍ସ ଲାଗି ଜେଇଇ ମେନ୍ ୨୦୨୫ ବାଧ୍ୟତାମୂଲକ୍ ରଖାଯାଇଛେ । ଇତାର୍‌ସହେତେ ଆବେଦନ୍‌କାରୀ ୧୨ କ୍ଲାସ୍‌ଥି ପଦାର୍ଥ ବିଜ୍ଞାନ୍, ରସାୟନ୍ ବିଜ୍ଞାନ୍ ଆର୍ ଗଣିତ ବିଷେଥି ୬୦ ପ୍ରତିଶତ୍ ମାର୍କ ରଖିଥିବାର୍ ଜରୁରୀ ଆଏ ।

ବୈଶାଖ୍ ମେଲା          ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ନୃସିଂହନାଥ ପୀଠ ନ ପବିତ୍ର ବୈଶାଖ୍ ମେଲା ଅବ୍‌ସରେ ଗଲାକାଏଲ୍ ନୃସିଂହ ଚତୁର୍ଦ୍ଦଶୀ ପାଲନ୍ ସହେତେ ଧ୍ୱଜା ବନ୍ଧା ନୀତି କରାଯାଇଛେ । ପରମ୍ପରା ଅନ୍‌ସାରେ ଗଲାକାଏଲ୍ ବେଲ୍‌ବୁଢ଼େ ଯମୁନା କନ୍ଧୁଣୀଙ୍କର୍ ବଂଶଧର ମନ୍ଦିର୍ ଶିଗେ ନେତ ବନ୍ଧା କରିଥିଲେ । ବୈଶାଖ୍ ମେଲା ଅବ୍‌ସରେ ଚାଲିଥିବା ବିଶ୍ୱଶାନ୍ତି ଯଜ୍ଞପୀଠ ନ ହୋମ ଆର୍ ଆଲ୍‌ତୀ କରାଯାଇଛେ । ଇ ଅବ୍‌ସରେ ହଜାର୍ ହଜାର୍ ଭକ୍ତଙ୍କର୍ ସମାବେଶ୍ ହେଇଛେ ।

ସେନ୍ତା ସୁବର୍ଣ୍ଣପୁର୍‌ର ପ୍ରସିଦ୍ଧ ନୃସିଂହମନ୍ଦିର୍ ନ ଭିଲ୍ ବୈଶାଖ୍ ଶୁକ୍ଲ ଚତୁର୍ଦ୍ଦଶୀ ଅବ୍‌ସରେ ଶ୍ରୀ ନୃସିଂହ ମାହାପୁରୁଙ୍କର୍ ଜନ୍ମୋତ୍ସବ୍ ନୀତି ହେଇଥିଲା । ଇ ଅବ୍‌ସରେ ହଜାର୍ ହଜାର୍ ଶ୍ରଦ୍ଧାଳୁ ଯୋଗ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୧୮ ଟା ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ବର୍ଷା ହେଇପାରେ । ବାକି ସବୁ ଇଲାକା ନ ପାଗ୍ ଶୁଖା ରହେବା । ଇ ସମିଆଥି

ସମୁଦ୍ର ଖଁଡ଼ି ଇଲାକା ମାନ୍‌କେ ଜବର୍ ଖରା ଆଉ ଗୁଲ୍‌ଗୁଲି ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ କରିଛେ ।

କିଛି ଦିନ୍ ହେଲା କାଲ୍‌ବୈଶାଖୀର୍ ବଲେ ଖରାନୁ ନିସ୍ତାର୍ ମିଲିଥିଲା । ମାତର୍‌କ ୨ ଦିନ୍ ଆଗ୍‌ରୁ ଖରା ଫେର୍ ବଢ଼ିକରି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଦିନର୍ ତାତି ୪୦ ଡିଗ୍ରୀ ଉପର୍‌କେ ଯାଇଛେ । ଆଏବା ୨ ଦିନ୍ ଭିତ୍‌ରେ ତାତି ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।